# ODM PUBLIC SCHOOL

SESSION : 8
CLASS : v
SUBJECT : (ଓଡ଼ିଆ)
CHAPTER NUMBER: 6
CHAPTER NAME:ମାନିଆରୁ ମାଡାମ କ୍ୟୁରୀ
SUBTOPIC : ବହି ପ୍ରଶ୍ନଉତ୍ତର,ପ୍ରଶ୍ନ ୧,ପ୍ରଶ୍ନ୨ ଓ ପ୍ରଶ୍ନ ୫

ODM EDUCATIONAL GROUP
Changing your Tomorrow

CHANGING YOUR TOMORROW

Website: www.odmegroup.org
Email: info@odmps.org

Toll Free: 1800 120 2316
Sishu Vihar, Infocity Road, Patia, Bhubaneswar- 751024

# LEARNING OBJECTIVE

ପ୍ରଶ୍ନଉତ୍ତର ଆଲୋଚନା ମାଧ୍ୟମରେ ଲବ୍ଧଜ୍ଞାନ ।

# ପ୍ରଶ୍ନ୧-ଆସ କଥାବାର୍ତ୍ତା ହେବା ।

୧-(କ) ରାତିରେ ଘଣ୍ଟାରେ ଟିକ୍ ଟିକ୍ କରୁଥିବା ପଦାର୍ଥଟି ଦିନବେଳେ କିପରି ଦେଖାଯାଏ ?

(ଖ) ରେଡିୟମ ଗୋଟିଏ କି ପ୍ରକାର ପଦାର୍ଥ ?

(ଗ) ରେଡିୟମ ଆବିଷ୍କାର ପାଇଁ ମାଡାମ କ୍ୟୁରୀ କେଉଁ ପୁରସ୍କାର ପାଇଥିଲେ ?

(ଘ)ପାଠ ପଢ଼ିବାପାଇଁ ମାନିଆଙ୍କର କି କି ଅସୁବିଧା ଥିଲା ?

(ଙ) କଲେଜରେ ପଢ଼ିବାପାଇଁ ମାନିଆ କିଭଳି ଅର୍ଥ ଯୋଗାଡ଼ କରିଥିଲେ ?

# ଉତ୍ତର

୧-(କ)ରାତିରେ ଘଣ୍ଟାରେ ଟିକ୍ ଟିକ୍ କରୁଥିବା ପଦାର୍ଥଟି ଦିନବେଳେ ଈଷତ ସବୁଜ ଦେଖାଯାଏ ।

(ଖ) ରେଡିୟମ ଗୋଟିଏ ଅତ୍ୟନ୍ତ ମୂଲ୍ୟବାନ ଓ ତେଜସ୍କ୍ରିୟ ଧାତବ ପଦାର୍ଥ ।

(ଗ) ରେଡିୟମ ଆବିଷ୍କାର ପାଇଁ ମାଡାମ କ୍ୟୁରୀ ନୋବେଲ୍ ପୁରସ୍କାର ପାଇଥିଲେ ।

(ଘ) ମାନିଆଙ୍କର ମାଆ ରୋଗରେ ପୀଡ଼ିତା ଥିଲେ । ଘରର ସବୁ କାମ ମାନିଆ କରୁଥିଲେ । ମାଆଙ୍କର ମୃତ୍ୟୁ ପରେ ମାନିଆଙ୍କର ଦାୟିତ୍ୱ ଆହୁରି ବଢିଗଲା । ପାଠପଢିବା ପାଇଁ ମାନିଆଙ୍କର ଏହିସବୁ ଅସୁବିଧା ହେଉଥିଲା ।

(ଙ) କଲେଜରେ ପଢିବାପାଇଁ ମାନିଆ ଟିଉସନ କରି ଅର୍ଥ ଯୋଗାଡ଼ କଲେ ।

# ପ୍ରଶ୍ନ୨-ଆସ ଚିନ୍ତା କରି ଉତ୍ତର ଲେଖିବା ।

ODM EDUCATIONAL GROUP
Changing your Tomorrow

୨- (କ) ମାନିଆ କିପରି ପାଠ ପଢୁଥିଲେ ?
(ଖ) ଭାଇଭଉଣୀମାନେ ମାନିଆଙ୍କ ସହିତ କିପରି ମଜା କରିଥିଲେ ?
(ଗ) ବିଶ୍ୱବିଦ୍ୟାଳୟରେ ପଢିବାବେଳେ ମାନିଆଙ୍କର କ'ଣ ସବୁ ଅସୁବିଧା ହେଉଥିଲା ?
(ଘ) ରେଡିୟମକୁ ବ୍ୟକ୍ତିଗତ ସମ୍ପତ୍ତି ନ କରି ମାଡାମ କ୍ୟୁରୀ ତାକୁ କାହିଁକି ଜାତି ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ ?
(ଙ) ମାନିଆଙ୍କର ମୃତ୍ୟୁର କାରଣ କ'ଣ ଥିଲା ?

# ଉତ୍ତର

୨-(କ) ବହୁ ଅଭାବ ଅନଟନ ମଧ୍ୟରେ ମାନିଆ ଭଲ ପାଠ ପଢୁଥିଲେ ।
(ଖ)ମାନିଆ ପାଠ ପଢୁଥିବାବେଳେ ତାଙ୍କ ଭାଇଭଉଣୀ ତାଙ୍କ ଉପରେ ଚେୟାର ଲଦିଦେଉଥିଲେ ।ମାନିଆ ଉଠିବାବେଳେ ଚେୟାର ସବୁ ଦୁଲ୍ ଦାଲ୍ ପଡ଼ିଯାଏ।ସେମାନେ ଏପରି ମଜା କରୁଥିଲେ।
(ଗ) ମାନିଆ ବିଶ୍ୱବିଦ୍ୟାଳୟରେ ପଢିବାବେଳେ ଆଲୁଅ ଜାଳିବା ପାଇଁ ତାଙ୍କ ପାଖରେ ପଇସା ନ ଥିଲା,ଭଲ ପୋଷାକ,ଖାତାବହି ତ ଦୂରର କଥା ।ଦିନେ ଦିନେ ଉପବାସ ରହି ପାଠ ପଢୁଥିଲେ । (ଘ) ସାରା ବିଶ୍ୱର ମଙ୍ଗଳ ଉଦ୍ଦେଶ୍ୟରେ ରେଡିୟମକୁ ବ୍ୟକ୍ତିଗତ ସଂପତ୍ତି ନ କରି ମାଡାମ କ୍ୟୁରୀ ତାକୁ ଜାତି ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ ।
(ଙ)ମାନିଆ ରେଡିୟମର ସଂସ୍ପର୍ଶରେ ବାରମ୍ବାର ଆସିବାରୁ ତାର ମାରାତ୍ମକ ବିଷ ଦେହରେ ଚରି ଯାଇଥିଲା । ଏହା ହିଁ ତାଙ୍କ ମୃତ୍ୟୁର କାରଣ ଥିଲା ।

# ଗୃହକର୍ମ

ଆଲୋଚିତ ପ୍ରଶ୍ନ ୫ ର ଉତ୍ତର ଖାତାରେ କର ।

# LEARNING OUTCOME:

ପ୍ରଶ୍ନଉତ୍ତର ଆଲୋଚନା ମାଧ୍ୟମରେ ଜ୍ଞାନ ହାସଲ  ।

# THANKING YOU

# ODM EDUCATIONAL GROUP